ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

---

କ୍ର.ନଂ. 302 ସପ୍ତାହ କ୍ର.ସଂ. – 09 ତାରିଖ- 03.03.2020

**(ସୌଜନ୍ୟ – ଓୟୁଏଟିସ୍ଥିତ କୃଷିପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ଅଦିନିଆ ବର୍ଷା ପରିପ୍ରେକ୍ଷୀରେ ଫସଲ ପରିଚାଳନା ପାଇଁ କୃଷି ପରାମର୍ଶ

**ପଶ୍ଚିମ ଓ ପୂର୍ବ ପବନ ଅଧିକ ଘନୀଭୂତ ଯୋଗୁଁ ଓଡିଶାର ଅଧିକାଂଶ ଜିଲ୍ଲାରେ ଆସନ୍ତା ୨ ରୁ ୩ ଦିନ ସ୍ୱଳ୍ପରୁ ମଧ୍ୟମ ଧାରଣର ବର୍ଷା ହେବାର ସମ୍ଭାବନା ଥିବାରୁ ବିଭିନ୍ନ ଫସଲର ସୁପରିଚାଳନା ପାଇଁ ନିମ୍ନୋକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ।**

- ଅଧିକ ବର୍ଷା ହେଲେ ବିଲରେ ଥିବା ଡାଲି ଜାତୀୟ ଫସଲ, ପନି ପରିବା, ବିଭିନ୍ନ ଫୁଲରୁ ଜଳ ନିଷ୍କସନ ବ୍ୟବସ୍ଥା କରନ୍ତୁ।
- ଡାଲୁଅ ଧାନ ଜମିରେ ବର୍ଷା ପଣି ବାନ୍ଧି ରଖନ୍ତୁ ।
- ତୋଳାଯାଇଥିବା ସଅଳ କିସମ ଡାଲିଜାତୀୟ ଫସଲ ଯଥା ମୁଗ, ବିରି ଏବଂ ପନିପରିବା ଯଥା ପିଆଜ, ଆଳୁ କୁ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ।
- ପନିପରିବା ତଥା ଖରାଟିଆ ଡାଲି ଜାତୀୟ (ମୁଗ,ବିରି ପ୍ରଭୃତି ) ଓ ତୈଳବୀଜ ଫସଲ ଓ ରାଶି ବୁଣା ବୁଣି ପାଇଁ ଜମି ପ୍ରସ୍ତୁତ କରନ୍ତୁ ।
- କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ ।
- ଯଦି ମେଘୁଆ ପାଗ ସହିତ ଝିପିଝିପି ବର୍ଷ ଲାଗି ରହେ ତେବେ ଧାନରେ ମହିଷା ରୋଗ ହେବାର ସମ୍ଭାବନା ଅଧିକ ହୋଇଥାଏ । ଯଦି ମହିଷା ରୋଗର ଲକ୍ଷଣ ଦେଖାଯାଏ ତେବେ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ସହିତ ଟେବୁକୋନାଜୋଲ (ବାନ, ବିମ) ୦.୪ ଗ୍ରାମ ଏକ ଲିଟର ପଣି ହିସାବରେ ମିଶାଇ ସିଂଚନ କରନ୍ତୁ ।
- ବିଳମ୍ବ କିସମର ବିଲାତିବାଇଗଣ ତଳିଘେରକୁ ଧଳା ପଲିଥିନରେ ଘୋଡାଇ ରଖନ୍ତୁ ।
- ଗେଣ୍ଡୁ, ଗୋଲାପ,ସେବତୀ ଆଦି ଫୁଲର ମାନ ଖରାପ ହେବାର ସମ୍ଭାବନା ରହିଛି, ତେଣୁ ସେଗୁଡିକୁ ତୋଳି ଦିଅନ୍ତୁ ।
- ଝିପିଝିପି ବର୍ଷା ଓ କୋହଲା ପାଗ ଯୋଗୁଁ ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ ଆଦି ତୈଳବୀଜ ଫସଲରେ, ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଓ ପନିପରିବାରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ତେଣୁ ଠିକ୍ ଭାବରେ ଫସଲ ନିରୀକ୍ଷଣ କରି ଏକର ପ୍ରତି ୪୦ ଗ୍ରାମ୍ ଥାୟୋମେଥୋକ୍ଜାମ୍ କିମ୍ୱା ୫୦ ମି.ଲି. ଇମିଡ଼ାକ୍ଲୋପ୍ରିଡ଼୍ କିମ୍ୱା ୫୦ ଗ୍ରାମ୍ ଏସିଟାମିପ୍ରିଡ଼୍କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି ସମୟରେ ଉପରୋକ୍ତ ଫସଲରେ ପତ୍ରପୋଡ଼ା ରୋଗ ହେବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଲିଟର ପ୍ରତି ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ ମିଶ୍ରିତ ଔଷଧକୁ ମିଶାଇ ସିଂଚନ କରନ୍ତୁ ।
- ବର୍ଷା ହେତୁ ସହଳ ବୁଣା ଖରାଟିଆ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ଲାଗିବାର ସମ୍ଭାବନା ଅଛି । ଏହା ନିୟନ୍ତ୍ରଣ କରିବା ପାଇଁ ବର୍ଷା କମିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି ମିଶାଇ ସିଂଚନ କରନ୍ତୁ ।
- ଡାଲିଜାତୀୟ ଫସଲରେ ଝାଉଁଳା ରୋଗ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୨ ମି.ଲି. ଭାଲିଡାମାଇସିନ୍ ମିଶାଇ ସିଂଚନ କରନ୍ତୁ ।
- ପନିପରିବା ତଳିଘରାରେ ଝାଉଁଳା ରୋଗ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୨-୩ ଗ୍ରାମ୍ ଥିରାମ୍ ମିଶାଇ ସିଂଚନ କରନ୍ତୁ । ତଳିରେ ପତ୍ରଦାଗ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୧ ମି.ଲି. ଟେବୁକୋନାଜୋଲ୍ ମିଶାଇ ସିଂଚନ କରନ୍ତୁ ।
- କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଦେଖାଦେଇପାରେ । ଏହି ରୋଗକୁ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ୍ ମିଶ୍ରିତ ଔଷଧ କିମ୍ୱା ୦.୬ ଗ୍ରାମ୍ ଆଜୋକ୍ସିଷ୍ଟ୍ରୋବିନ୍ + ଟେବୁକୋନାଜୋଲ୍ ମିଶ୍ରିତ ଔଷଧ ମିଶାଇ ୨ ରୁ ୩ ଥର ଅଦଳ ବଦଳ କରି ସିଂଚନ କରନ୍ତୁ ।
- ବିଲାତି ବାଇଗଣରେ ପତ୍ରପୋଡ଼ା ରୋଗ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲାନିଲ୍ କିମ୍ୱା ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ଼୍ ମିଶାଇ ସିଂଚନ କରନ୍ତୁ ।
- ଝୁଡ଼ଙ୍ଗରେ କଳଙ୍କି ରୋଗ ଦେଖାଯିବା ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲାନିଲ୍ କିମ୍ୱା

୨ ଗ୍ରାମ୍ ଅକ୍ସିକାର୍ବୋକ୍ସିନ୍ ମିଶାଇ ସିଂଚନ କରନ୍ତୁ ।

- ସୋରିଷ ଅମଳ ଅବସ୍ଥାରେ ଥିବାରୁ ଗଛ ଗୁଡିକୁ କାଟି ଭଲଭାବରେ ଖରାରେ ଶୁଖାଇ ସୋରିଷ ଅମଳ କରି ସାଇତି ରଖନ୍ତୁ।

## କୃଷି ଉପଦେଶ

### କ୍ଷେତ ଫସଲ

**ଶସ୍ୟ ଜାତୀୟ ଫସଲ**

**ଧାନ-ମୂଖ୍ୟ କିଆରୀର ଯତ୍ନ**

- ରବିଧାନ-ଧାନ ରୋଇବାର ୭ ଦିନ ମଧ୍ୟରେ ଜମିରେ ୬ କିଗ୍ରା BGA କିମ୍ବା ୪ କ୍ୱିଣ୍ଟାଲ ଆଜୋଲା ଏକର ପିଛା ୫୦ କିଗ୍ରା ଫସଫରସ ସହ ମିଶାଇ ପ୍ରୟୋଗ କରନ୍ତୁ । ୩ ସପ୍ତାହ ପରେ ଜମିରୁ ପାଣି ଶୁଖାଇ ଦେଇ ଓ ଚାଷ କରି ଆଜୋଲା କୁ ଭଲ ଭାବରେ ଜମିରେ ମିଶାଇ ଦିଅନ୍ତୁ। ଏହାପରେ ଜମିରେ ଅତିରିକ୍ତ ଆଦ୍ରତା ରହିଲେ ୧୬ କିଗ୍ରା ଯବକ୍ଷାରଜାନ ସାର ପ୍ରତି ଏକର ପିଛା ପ୍ରୟୋଗ କରନ୍ତୁ। ତାପମାତ୍ରା ବଢୁଥିବାରୁ ୫ଟି ଫେରୋମେନ ଯନ୍ତା ପ୍ରତି ଏକର ପିଛା ଜମିରେ ରଖନ୍ତୁ।

**କ. ଆଜୋଲା**

- ଧାନ ରଆ ସରିଥିଲେ, ଏହାର 7 ଦିନ ପରେ ଏକର ପ୍ରତି 4 କ୍ୱିଣ୍ଟାଲ ଆଜୋଲା ଜମିରେ ଛାଡିଦିଅନ୍ତୁ । 3 ସପ୍ତାହ ପରେ ଜମିରୁ ପାଣି କାଟି ଜାପାନିଜ୍ ଉଅଡର ସାହାଯ୍ୟରେ ଆଜୋଲାକୁ ମାଟିରେ ମିଶାଇ ଦିଅନ୍ତୁ ।

**ଖ. ନୀଳହରିତ ଶୈବାଳ (ବି.ଜି.ଏ)**

- ଧାନ ରଆର 7 ଦିନ ମଧ୍ୟରେ ଏକରକୁ 6 କିଗ୍ରା ହିସାବରେ ବି.ଜି.ଏ ପ୍ରୟୋଗ କରନ୍ତୁ । 50 କିଗ୍ରା ସୁପର ଫସଫେଟ୍ ସାର ପ୍ରୟୋଗ କରନ୍ତୁ। ଜମିରୁ ପାଣି ଶୁଖିବା ପାଇଁ ଦିଅନ୍ତୁ ନାହିଁ । ବି.ଜି.ଏ ପଡିଥିବା ଜମିରେ ସାଧାରଣତଃ ଏକର ପ୍ରତି ପ୍ରାୟ 10 କିଗ୍ରା ହିସାବରେ ଯବକ୍ଷାରଜାନ ଫସଲକୁ ମିଳିଥାଏ ।
- ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ମୂଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ । ତେଣୁ ପ୍ରଜାପତି ଧରିବା ପାଇଁ ଏକର ପ୍ରତି 4 ଗୋଟି ଫେରୋମାନ ଯନ୍ତା ବସାନ୍ତୁ ।
- ଦିନ ଓ ରାତିର ତାପମାତ୍ରାରେ ତାରତମ୍ୟ ଅଧିକ ରହିବା ଯୋଗୁଁ ମୂଖ୍ୟ କୀଆରୀରେ ମହିଷା ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 0.6 ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।
- ମାଟିଆ ଗୁଣ୍ଡି ପୋକ ଉପଦୃତ ଅଞ୍ଚଳରେ 1 ମିଟର ଓସାର ପଟିରେ ଧାନ ରଅନ୍ତୁ । ଦୁଇପଟି ମଝିରେ 30 ସେମି ବ୍ୟବଧାନ ରଖନ୍ତୁ ।

**ଖରାଟିଆ ମୁଗ ଓ ବିରି**

- ଜଳସେଚିତ ଜମିରେ ଫେବୃଆରୀ ତୃତୀୟ ସପ୍ତାହ ରୁ ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଖରାଟିଆ ମୁଗ ଓ ବିରି ବୁଣାବୁଣି କାମ ଶେଷ କରନ୍ତୁ ।

| ଫସଲ | କିସମ | ଅବଧି |
|---|---|---|
| ମୁଗ | IPM 2-14 | 60-65 |
| | ପି.ଡି.ଏମ୍-11 | 60-65 |
| | ପି.ଡି.ଏମ୍-84-139 (ସମ୍ରାଟ୍) | 60-65 |
| | ଓ.ୟୁ.ଏମ୍011-5 (କାମଦେବ) | 60-65 |
| | ବିରାଟ | 60-65 |
| ବିରି | ସାରଳା | 65-70 |
| | ପନ୍ଥ-ୟୁ-ଏମ୍-19 | 65-70 |
| | ପନ୍ଥ-ୟୁ-ଏମ୍-30 | 65-70 |
| | ପନ୍ଥ-ୟୁ-ଏମ୍-26 | 65-70 |

- ଏକର ପ୍ରତି ଅଧିକ ଅମଳକ୍ଷମ ପାଇଁ 10 କିଗ୍ରା ବିହନ ବ୍ୟବହାର କରନ୍ତୁ ।
- ଶେଷ ଓଡ ଚାଷ ସମୟରେ ଏକର ପ୍ରତି 2 ମେଟ୍ରିକ ଟନ୍ ସଢା ଗୋବର ଖତ ଦିଅନ୍ତୁ । ଅଧିକ ଅମଳକ୍ଷମ କିସମ ପାଇଁ 8 କିଗ୍ରା

ଯବକ୍ଷାରଜାନ, 16 କିଗ୍ରା ଫସଫରସ୍ ଓ 8 କିଗ୍ରା ପଟାସ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ ।

- ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନକୁ 2 ଗ୍ରାମ୍ କାର୍ବେଣ୍ଡାଜିମ ବା 3 ଗ୍ରାମ୍ ଥିରାମ୍ ରେ ଗୋଳାଇ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧନ କରିବାର 7 ଦିନ ପରେ ବୀଜାଣୁ କଲଚରରେ ଉପଚାର କରନ୍ତୁ ।
- ଧାଡିକୁ ଧାଡି ବ୍ୟବଧାନ 25 ସେମି ରଖି ବିହନ ବୁଣନ୍ତୁ ।
- ବୁଣିବାର 10 ଦିନ ମଧ୍ୟରେ ଗଛ କୁ ଗଛ 10 ସେମି ବ୍ୟବଧାନ ରଖି ଗଛକୁ ପତଳା କରି ଦିଅନ୍ତୁ ।

**ଗହମ**

- କିଆରୀରେ ଉଇ ଜନିତ ଝାଉଁଳା ଗଛ ଦେଖାଦେଲେ ବାରମ୍ବାର ଜଳସେଚନ କରନ୍ତୁ ଏବଂ ଆକ୍ରାନ୍ତ ସ୍ଥାନ ଗୁଡିକରେ 2 ମିଲି କ୍ଲୋରୋପାଇରିଫସ୍ 20 ଇସି ପ୍ରତି ଲିଟର ପାଣିରେ ଗୋଳାଇ ମାଟିକୁ ଭଲ ଭାବରେ ଭିଜାଇ ଦିଅନ୍ତୁ ନଚେତ୍ ଏକର ପ୍ରତି 10 କିଗ୍ରା କ୍ଲୋରପାଇରଫସ୍ ଗୁଣ୍ଡକୁ ଏକ ଅଖାରେ ରଖି କିଆରୀକୁ ପାଣି ପଶୁଥିବା ସ୍ଥାନରେ ବାନ୍ଧି ଦିଅନ୍ତୁ ।
- ଗହମ 5 ସପ୍ତାହର ହୋଇଯାଇଥିଲେ ଉପକୂଳବର୍ତ୍ତୀ ଜିଲ୍ଲାରେ ଏକର ପ୍ରତି 8 କିଗ୍ରା ଆଭ୍ୟନ୍ତରୀଣ ଜିଲ୍ଲାରେ 10 କିଗ୍ରା ଯବକ୍ଷାରଜାନ ଦ୍ୱିତୀୟ ଶୀର୍ଷ ସାର ରୁପେ ପ୍ରୟୋଗ କରନ୍ତୁ ।
- କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏକର ପ୍ରତି 400 ମିଲି ଟ୍ରାୟୋଜଫସ୍ କିମ୍ବା ପ୍ରଫେନୋଫସ 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଡାଲି ଜାତୀୟ ଫସଲ**

- ଡାଲି ଫସଲରେ ପାଉଁଶିଆ ରୋଗର ପ୍ରାଦୁର୍ଭାବ ଦେଖାଯାଉଥିଲେ ତାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ 5 ଗ୍ରାମ୍ ସଲଫେକ୍ସ ସେଚିତ ଗୁଣ୍ଡ କିମ୍ବା ଏକର ପ୍ରତି 1 କିଗ୍ରା ଗନ୍ଧକ ସେଚିତ ଗୁଣ୍ଡ ସହ 200 ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ |
- ମଟର ଫସଲରେ ଫଳବିନ୍ଧା ପୋକ ଦେଖାଦେଲେ ଏକର ପ୍ରତି 250 ଶୁକ ସମତୁଲ ଏନ.ପି.ଭି 200 ଲିଟର ପାଣିରେ ମିଶାଇ ଅପରାହ୍ନରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି 2 କିଗ୍ରା ବିଟି ବୀଜାଣୁ କଲଚର 200 ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ |

**ମକା**

**ଜମି ପ୍ରସ୍ତୁତି**

- ମଞ୍ଜି ଲଗାଇବାର 15 ଦିନ ପୂର୍ବରୁ ଏକର ପ୍ରତି 4 ରୁ 5 କୁଇଣ୍ଟାଲ ଚୁନ ପ୍ରୟୋଗ କରନ୍ତୁ । ଉଇ ପ୍ରବଣ ଅଚଳରେ ଏକର ପ୍ରତି 10 କିଗ୍ରା ଶତକଡା 1 ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ଶେଷଓଡ ଚାଷ ବେଳେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ବେଳେ ଏକର ପ୍ରତି 2 ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ ।

**ବିହନ ବିଶୋଧନ**

- ପ୍ରତି କିଗ୍ରା ବିହନରେ 1.5 ଗ୍ରାମ୍ ହିସାବରେ କର୍ବେଣ୍ଡାଜିମ୍ କିମ୍ବା 3 ଗ୍ରାମ୍ ଥିରାମ୍ ମିଶାଇ ବିହନ ବିଶୋଧନ କରନ୍ତୁ ।
- ଧାଡିକୁ ଧାଡି 45 ସେମି ଓ ମଞ୍ଜିକୁ ମଞ୍ଜି 25 ସେମି ଓ 5 ସେମି ଗଭୀରରେ ମଞ୍ଜି ଲଗାନ୍ତୁ ।
- ଏକର ପ୍ରତି 6 କିଗ୍ରା ବିହନ ବ୍ୟବହାର କରନ୍ତୁ ।

**ସାର ପ୍ରୟୋଗ**

- ମୂଳ ସାର ହିସାବରେ ଏକର ପ୍ରତି 16 କିଗ୍ରା ଯବକ୍ଷାରଜାନ, 16 କିଗ୍ରା ଫସଫରସ ଓ 16 କିଗ୍ରା ପଟାସ ସାର କିଛି ଖତ ସହିତ ମିଶାଇ ଧାଡିରେ ପ୍ରୟୋଗ କରନ୍ତୁ । ଏବଂ ଗୋଟିଏ ବାଡିଧରି ମାଟିରେ ମିଶାଇ ଦିଅନ୍ତୁ । ଏହାପରେ ମଞ୍ଜି ଲଗାନ୍ତୁ ।
- ଲଗାଇବାର 2 ଦିନ ଭିତରେ ଏକର ପ୍ରତି 400 ଗ୍ରାମ୍ ଏଟ୍ରାଜିନ୍ କିମ୍ବା ସିମାଜିନ୍ କିମ୍ବା 600 ମିଲି ଆଲାକ୍ଲୋର 200 ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ଦ୍ୱାରା ଗାଳର ଦମନ ହୋଇଥାଏ ।

| **କିସମ** | **ଅବଧି, ଦିନ** | **ଏକର ପ୍ରତି ଅମଳ (କୁଇଣ୍ଟାଲ)** | **ରଙ୍ଗ** |
|---|---|---|---|
| **କମ୍ପୋଜିଟ୍** | | | |
| ଧବଳ | 100-110 | 24 | ଧଳା |
| ନଭଜୋତ୍ | | | ହଳଦିଆ |
| ସଙ୍କର ଜାତୀୟ | | | |
| ଡେକାନ୍ | 100-110 | 16 | ହଳଦିଆ |
| ଗଙ୍ଗା | 100-110 | 24 | ହଳଦିଆ |

| | | | |
|---|---|---|---|
| ଡେକାନ୍ 105 | 100-110 | 24 | ହଳଦିଆ |
| କାର୍ଗିଲ୍ 900 ଏମ୍ | 125 | 28 | ହଳଦିଆ |
| କାର୍ଗିଲ୍ 633 | 120 | 26 | ହଳଦିଆ |
| ପିଆରଓ 345 | 100-110 | 24 | ହଳଦିଆ |
| ବିସ୍କୋ 2418 | 90-110 | 22 | ହଳଦିଆ |

- ଏକର ପ୍ରତି 6 କିଗ୍ରା ବିହନ ବ୍ୟବହାର କରନ୍ତୁ ।

**ରବି ମକା**

- ସଅଳ ଲଗାଯାଇଥିବା ଫସଲ 6-7 ସପ୍ତାହର ହୋଇଯାଇଥିଲେ ଦ୍ୱିତୀୟ ଥର ପାଇଁ କୋଡାଖୁସା କରି ଏକର ପ୍ରତି ୫ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ |
- କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି 2000 ଟ୍ରାଇକୋଗ୍ରାମା ଚିଲୋନିସ୍ ପରାଶ୍ରୟୀ ପୋକର ଅଣ୍ଡା 10 ଦିନ ଅନ୍ତରରେ ଦୁଇଥର ଛାଡନ୍ତୁ |

**ସୂର୍ଯ୍ୟମୁଖୀ**-ବର୍ତ୍ତମାନର ତାପମାତ୍ରା ପତ୍ରଖିଆ ସଂବାଳୁଆ ପାଇଁ ଉପଯୁକ୍ତ ଥିବାରୁ 400 ମି.ଲି ଏଣ୍ଡୋସୋଲଫାନ ପ୍ରତି ଏକର ପିଛା ପ୍ରୟୋଗ କରନ୍ତୁ ।

**ରବି ଚିନାବାଦାମ**

- ରବି ଚିନାବାଦାମ ଅମଳ ଅବସ୍ଥାକୁ ଆସିଯାଇଥିଲେ ଅମଳ କରି ଦିଅନ୍ତୁ

**ଖରାଟିଆ ଚିନାବାଦାମ**

- ବର୍ତ୍ତମାନ ତାପମାତ୍ରା ଉଙ୍କୁଣିଆ ପୋକ ଆକ୍ରମଣ ପାଇଁ ଉପଯୁକ୍ତ ଥିବାରୁ 400 ମିଲି ଡାଇମେଥୋଏଟ କିମ୍ବା ୫୦ ମି.ଲି ଇମିଡାକ୍ଲୋପ୍ରିଡ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଟୀକା ରୋଗ ଏବଂ ଧଳା ପିମ୍ପୁଡି ମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ୫୦୦ ଗ୍ରାମ ବ୍ଲିଟାକ୍ସ ୫୦ ୨୦୦ ଲିଟର ପାଣିରେ ମିଶାଇ ଏବଂ ୨ ମି.ଲି କ୍ଲୋରୋପାରିଫସ ୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ସୋରିଷ**

- ବର୍ଷା ଦିନିଆ ସୋରିଷ ଅମଳ ଅବସ୍ଥାରେ ଥିବାରୁ ଗଛ ଗୁଡିକୁ କାଟି ଭଲଭାବରେ ଖରାରେ ଶୁଖାଇ ସୋରିଷ ଅମଳ କରି ସାଇତି ରଖନ୍ତୁ।

**ରାଶି**

- ଫେବୃଆରୀ ରୁ ମାର୍ଚ୍ଚ ମାସ ରାଶି ଲଗାଇବା ପାଇଁ ଉପଯୁକ୍ତ । ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ନିମ୍ନଲିଖିତ ଅଧିକ ଅମଳକ୍ଷମ ଉନ୍ନତ ବିହନ କିସମ ସଂଗ୍ରହ କରନ୍ତୁ ।

## ଉଦ୍ୟାନ ଫସଲ

**ପନିପରିବା**

- ଫୁଲ କୋବିରେ ଶତକଡା 0.2 ଭାଗ ବୋରାକ୍ସ ସିଞ୍ଚନ କଲେ କୋବିଫୁଲ ପଚା ହୁଏ ନାହିଁ |
- ବର୍ତ୍ତମାନ ବନ୍ଧାକୋବି ଓ ଫୁଲକୋବିରେ କାଳୀମୁଣ୍ଡି ପୋକ ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ଏକର ପ୍ରତି 1 କିଗ୍ରା ବିଟି ପ୍ରଡକ୍ଟ କିମ୍ବା 250 ଏଲ.ଏ.ଏସ. ଏଲ. ଏନ.ପି.ଭି ଏକ ସପ୍ତାହ ଅନ୍ତରରେ ଅଦଳବଦଳ କରି ସିଞ୍ଚନ କରନ୍ତୁ |
- ବର୍ତ୍ତମାନ ପାଗରେ  ବାଇଗଣରେ ଫଳ ଓ କାଣ୍ଡ ବିନ୍ଧା ପୋକ ଲାଗିବାର ଦେଖାଯାଇଛି | 20,000 ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା 300 ପିପିଏମ୍ ନିମ୍ବ ଜାତ କୀଟନାଶକ ବିଷକୁ ଏକର ପ୍ରତି 1 ଲିଟର ହିସାବରେ ପ୍ରୟୋଗ କରନ୍ତୁ | ଏହା ଛଡା ଏହି ପୋକର ଦମନ ପାଇଁ ସଙ୍ଗ ଏକର ପ୍ରତି 5ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ  | ଏବଂ ବାଇଗଣରେ ଝାଉଁଳା ରୋଗର ଦମନ ପାଇଁ ପ୍ରତି 10 ଲିଟର ପାଣିରେ 1 ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ 20 ଗ୍ରାମ୍ କପର ଅକ୍ସିକ୍ଲୋରୋଇଡ୍ ମିଶାଇ ସିଂଚନ କରନ୍ତୁ |
- ପନିପରିବା ଫସଲରେ ଅଷ୍ଟପଦୀର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ 4 ମିଲି ହିସାବରେ କେଲଥେନ୍ କିମ୍ବା ଡାଇକୋଫଲ୍ ମିଶାଇ ସିଂଚନ କରନ୍ତୁ |
- ଝାଉଁଳା ସହଣୀ ଥିବା ଲଙ୍କା କିସମ ଯଥା – ଉତ୍କଳ ରଶ୍ମୀ, ଉତ୍କଳ ଆଭା ଲଗାନ୍ତୁ | ଉଙ୍କୁଣିଆ ପୋକ ଦେଖାଗଲେ ପତ୍ର ମୋଡା

ହୋଇଯାଏ | ସେଥିପାଇଁ ଏକର ପ୍ରତି 350 ମିଲି ଇଥିଅନ୍ ସିଂଚନ କରନ୍ତୁ |

- ବର୍ତ୍ତମାନ ପାଗରେ ଲଙ୍କା ଓ କ୍ୟାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି | ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ 1.5 ମିଲି ଇଥିଅନ୍ କିମ୍ବା 2 ମିଲି କାର୍ବୋସଲ୍ଫାନ୍ କିମ୍ବା କ୍ଲୋରୋପାଇରିଫସ୍ ମିଶାଇ ସିଂଚନ କରନ୍ତୁ |

**ଖଡା ଶାଗ**

- ବର୍ତ୍ତମାନ ଖଡା ଶାଗ ଲଗାଇବାକୁ ଉପଯୁକ୍ତ ହୋଇଥିବାରୁ, ଜମିକୁ ୫*୪ ଫୁଟ ବିଶିଷ୍ଟ ପଟାଳିରେ ଭାଗ କରିଦିଅନ୍ତୁ । ପ୍ରତି ଏକର ପିଛା ୪-୬ କିଗ୍ରା ଶାଗ ମଞ୍ଜି ବ୍ୟବହାର କରନ୍ତୁ । ମଞ୍ଜି ବୁଣିବା ପରେ ତାକୁ ମାଟି କିମ୍ବା ନଡା ରେ ଘୋଡାଇ ଦିଅନ୍ତୁ। ପଟାଳି ଗୁଡିକରେ ପାଣି ସିଂଚନ କରନ୍ତୁ ଏବଂ ୧୨-୧୫ ଦିନ ପରେ ନଡା କୁ କାଢି ଦିଅନ୍ତୁ ଏବଂ ୧୦-୧୫ ଦିନିଆ ଶାଗ ତଳି ଗୁଡିକୁ ଜମିରେ ରୋପଣ କରିଦିଅନ୍ତୁ ।

**ଆଳୁ**

- ବର୍ତ୍ତମାନ ଅମଳ ଅବସ୍ଥାକୁ ଆସି ଯାଇଛି |
- ଆଗକୁ ବର୍ଷା ଥିବାରୁ ପାକଳ ଆଳୁକୁ ଜମିରେ ନରଖି ଯଥା ଶୀଘ୍ର ଅମଳ କରନ୍ତୁ |
- ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା, କଟା ଆଳୁ ସବୁ ବାଛି ଭଲ ଆଳୁ ରଖନ୍ତୁ | ସେଥିରୁ 25 ରୁ 30 ଗ୍ରାମ୍ ଓଜନର ଆଳୁ ସବୁ ବାଛି ସଫା ପାଣିରେ ଧୋଇ ଦିଅନ୍ତୁ |ତାପରେ ପ୍ରତି ଲିଟର ପାଣିରେ 30 ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁ ଗୁଡିକୁ 30 ମିନିଟ୍ ପାଇଁ ଭଜାଇ ତାକୁ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖା ମୁଣାରେ ଭର୍ତ୍ତିକରି ଶୀତଳ ଭଣ୍ଡାରରେ 4 ଡିଗ୍ରୀ ସେଲସିଅସ୍ ରେ ରଖନ୍ତୁ |

**ପିଆଜ**

- ପିଆଜର ପତ୍ର ପାଡା ସହ ଆଞ୍ଜୁଡା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିବାର ଜଣାଯାଏ | ଏହାର ଦମନ ପାଇଁ ଏକର ପ୍ରତି 400 ମିଲି ଡାଇମେଥୋଏଟ୍ ସ୍ପ୍ରେ କରନ୍ତୁ |
- ଅନାବନା ଘାସ ପିଆଜ ଫସଲର ପ୍ରଧାନ ଶତ୍ରୁ | ପିଆଜ ଗଛର ଚେର ମାଟିର ଉପର ଭାଗରେ ରହେ ଓ 15 ସେମିରୁ ଅଧିକ ଗଭୀରକୁ ଯାଏ ନାହିଁ | ତେଣୁ ମାଟିର ଉପର ଭାଗ ହାଲୁକା ରହିବା ଦରକାର | ଗହୀରିଆ କୋଡାଖୁସା କରିବା ଅନୁଚିତ | 60 ଦିନ ପୂର୍ବରୁ 2 ରୁ 3 ଥର ହାଲୁକା କୋଡା ଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ |60 ଦିନ ପରେ ଦରକାର ହେଲେ ଅନାବନା ଘାସକୁ 2 ରୁ 3 ଥର ହାତରେ ଉପାଡି ଜମିକୁ ସଫା ରଖନ୍ତୁ |

**ସଜନା**

- ଛୁଇଁବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି କ୍ରୀୟାଶୀଳ ସାରପର ସେଥ୍ରୀନ୍ 15 ଦିନ ଅନ୍ତରରେ 2 ଥର ପ୍ରୟୋଗ କରନ୍ତୁ |

**ପୋଟଳ**

ବିଳମ୍ବରେ ଲଗାଯାଇଥିବା ପୋଟୋଳରେ ଫୁଲ ଧରିବାକୁ ଯାଉଥିବାରୁ, ଜମିକୁ କୋଡାଖୁସା କରି ଘାସ ବାଛି ଦେଇ ଆବଶ୍ୟକ ପରିମାଣ ରେ ସାର ପକାନ୍ତୁ।

**ବାଇଗଣ / ବିଲାତି ବାଇଗଣ**

- ବାଇଗଣ ଓ ବିଲାତି ବାଇଗମ ଗଛ ଢଳି ପଡିଲେ ଗଛ ମୂଳକୁ ମାଟିଦେଇ ବାଉଁଶ ବା ବାଡି ପୋତି ସିଧା ଭାବରେ ରଖିବାର ବ୍ୟବସ୍ଥା କରନ୍ତୁ |
- ବାଇଗଣ ଓ ବିଲାତି ବାଇଗଣର ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୩ ଗ୍ରାମ୍ କପର ଅକ୍ସି କ୍ଲୋରାଇଡ୍ ମିଶାଇ ଏକର ପ୍ରତି ୨୦୦ ଲିଟର ଘୋଳ ମୂଳକୁ ସିଞ୍ଚନ କରନ୍ତୁ |
- ବାଇଗଣ ଫସଲରେ ଫଳପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ଫିମ୍ପିନାଶକ ମିଶ୍ରଣ ସିଞ୍ଚନ କରନ୍ତୁ |

**ଲଙ୍କାମରିଚ**

- ଲଙ୍କା ମରିଚ ଫସଲରେ ଉତ୍ତାପ ବୃଦ୍ଧି ପାଇଲେ ଥ୍ରୀପ୍ସ ଓ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି | ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୨ ମି.ଲି ଫେନପାଇରୋକ୍ସିମେଟ୍ ୫% ଇ.ସି. କିମ୍ବା ୧ ମି.ଲି. ଆବାମେକ୍ଟିନ୍ ୧.୯% ଇ.ସି. କିମ୍ବା ୧ ମି.ଲି. ସ୍ପାଇରୋମେସିଫେନ୍ ୨୨.୯% ଏସ୍.ସି. ମିଶାଇ ଏକର ପ୍ରତି ୨୦୦ ଲିଟର ଘୋଳ ସିଞ୍ଚନ କରନ୍ତୁ

**ବିନ୍ / ଶିମ୍ବ**

- ଏହି ଫସଲରେ ଘୋଡା ପୋକ ସଂକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ୦.୪ ମି.ଲି ଫ୍ଲୁବେଣ୍ଡିଆମାଇଡ୍୩୯.୩୫%ଏସ୍.ସି. ମିଶାଇ ଏକର ପ୍ରତି ୨୦୦ ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ |
- ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲ୍ୟୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ |

**ଫୁଲ ଜାତୀୟ ଫସଲ**

**ଗେଣ୍ଡୁ ଫୁଲ**

- ଗେଣ୍ଡୁ ଗଛରେ ନାଲିବୁଢିଆଣୀ (ଅଷ୍ଟପଦୀ) ର ଦମନ ପାଇଁ ଏକର ପ୍ରତି 1 କିଗ୍ରା ସଲଫର ସେଚିତ ଗୁଣ୍ଡ କିମ୍ବା 600 ମିଲି ଡାଇକୋଫଲ ସ୍ପ୍ରେ କରନ୍ତୁ | ସଂବାଳୁଆ ଜାତୀୟ କଢଖିଆ ପୋକକୁ ଦମନ କରିବାପାଇଁ ଏକର ପ୍ରତି 400 ମିଲି ଏଣ୍ଡୋସଲଫାନ୍ ସ୍ପ୍ରେ କରନ୍ତୁ | ସ୍ପ୍ରେ କରିବା ସମୟରେ ଲକ୍ଷ୍ୟ କରିବା ଉଚିତ ଯେପରି କାଣ୍ଡ, ଫୁଲ, ପତ୍ର ସମ୍ପୂର୍ଣ ଭିଜି ଔଷଧ ମିଶ୍ରିତ ଜଳ ତଳକୁ ବୁନ୍ଦା ବୁନ୍ଦା ହୋଇ ଖସିବ |
- ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳିପକାଇନଥିଲେ ତଳି ପକାନ୍ତୁ |
- ଅଧିକ ଅମଳକ୍ଷମ କମଳା ରଙ୍ଗର ସିରାକୋଲା କିସମ ବ୍ୟବହାର କରନ୍ତୁ |
- ତଳିଘରାରେ ଧାଡିକୁ ଧାଡି 5 ସେମି ବ୍ୟବଧାନରେ ବିହନକୁ 1 ସେମି ଗଭୀରରେ ବୁଣନ୍ତୁ | ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବାପାଇଁ ତଳିଘରାରେ ନଡା ଘୋଡାଇ ଦିଅନ୍ତୁ |
- ଏକରକୁ 350 ରୁ 400 ଗ୍ରାମ୍ ମଞ୍ଜି ଆବଶ୍ୟକ |

**ରଜନୀଗନ୍ଧା**

- ରଜନୀଗନ୍ଧା ଫେବୃଆରୀରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ | କୋଲକାତା ସିଙ୍ଗଲ୍, ଶ୍ରୀଙ୍ଗାର, କୋଏମ୍ବାଟୁର ସିଙ୍ଗଲ ଓ ସୁହାସିନି (ଡବଲ) ଆଦି କିସମ ଲଗାନ୍ତୁ |
- ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି 80 କିଗ୍ରା ଯବକ୍ଷାରଜାନ, 80 କିଗ୍ରା ଫସଫରସ ଓ 80 କିଗ୍ରା ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ |
- ଏକର ପ୍ରତି ପ୍ରାୟ 40,000 କନ୍ଦା ଆବଶ୍ୟକ ହୋଇଥାଏ | କନ୍ଦା ଗୁଡିକ 2.5 ସେମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର | ଶୀତଳ ଭଣ୍ଡାରରେ 4-5 କିଗ୍ରା ସେଲସିଅସରେ ରହିଥିବା କନ୍ଦା ଗୁଡିକ ଭଲ ଗଜା ହୋଇଥାଏ |
- ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି 160 କିଗ୍ରା ନିମ୍ବପିଡିଆ ପ୍ରୟୋଗ କରନ୍ତୁ |
- କନ୍ଦା ଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ | ଧାଡିକୁ ଧାଡି 30 ସେମି କନ୍ଦାକୁ କନ୍ଦାକୁ 30 ସେମି ବ୍ୟବଧାନରେ ଲଗାନ୍ତୁ |

**ଗୋଲାପ**

- ଅଷ୍ଟପଦୀ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଫେନପାଇରୋକ୍ସିମେଟ୍ ୫% ଇ.ସି. କିମ୍ବା ୨ ମି.ଲି. ପ୍ରୋପାରିଜାଇଟ୍ ୫୭% ଇ.ସି. ମିଶାଇ ସିଞ୍ଚନ କରନ୍ତୁ |
- ଅଗସଢା ଓ କଳାଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ |
- ପାଉଁଶିଆ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୧ ମି.ଲି ପେନକୋନାଜୋଲ୍ ୧୦% ଇ.ସି. କିମ୍ବା ପ୍ରୋପିକୋନାଜଲ୍ ୨୫% ଇ.ସି. କିମ୍ବା ୧ ମି.ଲି. ଟେବୁକୋନାଜୋଲ୍ ୨୫.୯% ଇ.ସି. କିମ୍ବା ୪ ଗ୍ରାମ୍ ସଲଫର୍ ୮୦% ଡବ୍ଲ୍ୟୁ.ପି. ମିଶାଇ ମିଶ୍ରଣ ସିଞ୍ଚନ କରନ୍ତୁ |

**ସେବତୀ**

- ସେବତୀ ଗଛରେ ଫୁଲ ଆସିବା ଅବସ୍ଥାରେ ମୂଳରେ ପୁଆ ବାହାରିଲେ ସେଗୁଡିକୁ ବାହାର କରି ଦିଅନ୍ତୁ ଏବଂ ଫୁଲ ସରିବା ପରେ ବାହାରୁଥିବା ପୁଅ ଗୁଡ଼ିକୁ ମାଆ ଗଛ ରୂପେ ବ୍ୟବହାର ପାଇଁ ରଖନ୍ତୁ|
- ସେବତୀରେ  ଜଉପୋକ ଦେଖାଦେଲେ, ଏହାର ଦମନ ପାଇଁଏକର ପ୍ରତି 400ମିଲି ମେଟାସିଷ୍ଟକ୍ସ କିମ୍ବା ଡାଇମେଥୋଏଟ୍ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

## ଫଳ ଜାତୀୟ ଫସଲ

**ଆମ୍ବ**

- ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ, ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି | ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ ସଲ୍ଫର ସେଚିତ ଗୁଣ୍ଡ କିମ୍ବା କାରାଥେନ୍ ଏବଂ ଆମ୍ବ ଡାଆଣୀର ଦମନ ପାଇଁ 2 ମିଲି ରୋଗର ମିଶାଇ ସିଂଚନ କରନ୍ତୁ |

**କଦଳୀ**

- କବକ ଜନିତ ଝାଉଁଳା ରୋଗର ଦମନ ପାଇଁ ଆକ୍ରାନ୍ତ ଗଛକୁ ଉପାଡି ପୋଡି ଦିଅନ୍ତୁ ଏବଂ ମୂଳକୁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଂଚନ କରନ୍ତୁ କିମ୍ବା ପ୍ରତି ଗଛ ମୂଳରେ 5 ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖିଦିଅନ୍ତୁ ।
- ପତ୍ରଦାଗ ରୋଗର ଦମନ ପାଇଁ ଶତକଡା 0.05 ଭାଗ ପ୍ରୋପିକୋନାଜଲ୍ ସହିତ କେତେ ବୁନ୍ଦା ଟିପଲ ମିଶାଇ ସିଞ୍ଚନ କରନ୍ତୁ ।
- କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ 2 ମିଲି ଡାଇମେଥୋଏଟ୍ ପ୍ରତି ପତ୍ରକୋଣରେ ପ୍ରୟୋଗ କରନ୍ତୁ ।
- ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀ ଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ । ଏହାର ନିରାକରଣ ପାଇଁ ପ୍ରତି ଗଛ ମୂଳରେ 30 ଗ୍ରାମ୍ କାର୍ବୋଫୁରାନ୍ କିମ୍ବା 500 ଗ୍ରାମ୍ ନିମ ପିଡିଆ ପ୍ରୟୋଗ କରନ୍ତୁ ।
- ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ |

**ଅମୃତଭଣ୍ଡା**

- ଦହିଆ ପୋକ ଓ ଜଉପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୩ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ |

**ନଡିଆ**

- ନଡ଼ିଆର ନାଲି ଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ୍ ୩% ଜି. + ବାଲି ୧:୧ ଅନୁପାତରେ ମିଶାଇ କଣାକୁ ମୁଦି ଦିଅନ୍ତୁ |
- ଗଣ୍ଡାପୋକ ଦେଖାଦେଲେ ନଡିଆ ବଗିଚା ପାଖରେ ଥିବା ଖତଗଦାକୁ ସଫା କରନ୍ତୁ ଓ କ୍ଲୋରପାଇରିଫସ୍ ୧.୫% ଗୁଣ୍ଡ ପକାଇ ବିଶୋଧନ କରନ୍ତୁ |

**ଲେମ୍ବୁ**

- ଲେମ୍ବୁ ରେ ପ୍ରୁନିଙ୍ଗ ବେଳେ ଡାଇବ୍ୟାକ୍ ରୋଗ ହୋଇପାରେ | ତେଣୁ  କଟା ସ୍ଥାନରେ ବୋରଡେକ୍ସ ପେଷ୍ଟ ପ୍ରୟୋଗ କରନ୍ତୁ ଏବଂ ଏକର ପ୍ରତି 200 ଲିଟର ପାଣିରେ 400 ମିଲି ଲିଟର ଡାଇମେଥୋଏଟ୍ କିମ୍ବା ମିଥାଇଲ ଡିନେଟନ୍  ମିଶାଇ ପ୍ରୟୋଗ କରନ୍ତୁ |

**ଆମ୍ବ**

- ବଉଳ ବାହାରିବା ସମୟରେ ଆମ୍ବ ଡାଆଣୀ, ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି | ଆନ୍ଥ୍ରାକ୍ନୋଜ୍ ଓ ପାଉଁଶିଆ ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ ସଲ୍ଫର ସେଚିତ ଗୁଣ୍ଡ କିମ୍ବା କାରାଥେନ୍ ଏବଂ ଆମ୍ବ ଡାଆଣୀର ଦମନ ପାଇଁ 2 ମିଲି ରୋଗର ମିଶାଇ ସିଂଚନ କରନ୍ତୁ |

## ମହୁ ଚାଷ

- ମହୁମାଛି ପାଳନ ପାଇଁ ଖର୍ଚ୍ଚ କମ୍ ଓ ପରିଶ୍ରମ ମଧ କମ୍ କରିବାକୁ ପଡିଥାଏ | ଏହାକୁ ବ୍ୟବସାୟିକ ଭିତ୍ତିରେ ଗ୍ରହଣ କଲେ 15 ରୁ 20 ଟି ବାକ୍ସ ରଖିବା ଦରକାର | 2ଟି ବା 3ଟି ବାକ୍ସରେ ମହୁମାଛି ରଖିଲେ ନିଜର ଦରକାର ମୁତାବକ ମହୁ ମିଳି ପ୍ରାୟ 1000 ଟଙ୍କା ଲାଭ

  ମିଳିଥାଏ | ମହୁ ଚାଷ ପାଇଁ ମହୁବାକ୍ସ, କୁଇନ୍ ଗେଟ୍, ସ୍ମୋକ ବା ଧୂଆଁ ଦେବା ଯନ୍ତ୍ର, ଏକ୍ସଟ୍ରାକ୍ଟର, ଓ ଫ୍ରେମ୍ ଆଦି ଜିନିଷ ଦରକାର ହୋଇଥାଏ |
- ମହୁଚାଷ ପାଇଁ ସାଧାରଣତଃ ସାତଫେଣିଆ ମାଛିଙ୍କୁ ପାଳନ କରାଯାଏ |
- ମହୁମାଛି ବର୍ଷର ସବୁ ସମୟରେ ସକ୍ରୀୟ ରହନ୍ତି | ବର୍ତ୍ତମାନ ସୋରିଷ, ସୂର୍ଯ୍ୟମୁଖୀ, ଗୋଲାପ, ଜିନିଆ, ସେବତି,ଗେଣ୍ଡୁ ଆଦି ଫୁଲ ଫୁଟୁଥିବାରୁ ମହୁମାଛି ମାନେ ସହଜରେ ମହୁ ଓ ରେଣୁ ସଂଗ୍ରହ କରିଥାଆନ୍ତି |
- ପ୍ରତି ସପ୍ତାହରେ ଥରେ ବାକ୍ସ ଫିଟାଇ ଫେଣା ସହ ଫ୍ରେମ କୁ ଟେକି ଦିଅନ୍ତୁ | ଲାଗିଯାଇଥିବା ଦୁଇଟି ଫେଣାକୁ କାଟି ଅଲଗା କରନ୍ତୁ |

❖ ବାକ୍ସର ଉପରି ଭାଗକୁ ଘୋଡାଇ ରଖନ୍ତୁ | ବାକ୍ସର ଭିତର ବାହାର ସଫା ରଖନ୍ତୁ ଓ ଆକ୍ରମଣକାରୀ ଜୀବଙ୍କ ଠାରୁ ନିରାପଦ ସ୍ଥାନରେ ରଖନ୍ତୁ, ଧୂଆଁ ନବାଜିବା ପାଇଁ ସତର୍କ ଧ୍ୟାନ ଦିଅନ୍ତୁ |

## ପଶୁ ସମ୍ପଦ

- ➢ ଗୋଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ଆଜୋଲା ଚାଷ କରନ୍ତୁ |
- ➢ ପ୍ରତି ଆଜୋଲା ପିଟ୍ ପାଇଁ 2 ମିଟର ଲମ୍ବା, 2 ମିଟର ଚଉଡାର ଏକ କ୍ଷେତ୍ର ପ୍ରସ୍ତୁତ କରନ୍ତୁ |
- ➢ ଆଜୋଲା ଚାଷ କରିଥିଲେ ପ୍ରତି ପିଟ୍ ରୁ ଦୈନିକ ଅଧାକେଜି ରୁ ଏକ କେଜି ପର୍ଯ୍ୟନ୍ତ ଆଜୋଲା ଅମଳ କରି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ |
- ➢ ନଡାର ସୁବିଧା ଥିଲେ ପିଡିଆ ମିଶ୍ରିତ ନଡା ଉପଚାର କରନ୍ତୁ | ଏଥିପାଇଁ ଆବଶ୍ୟକ ଉପାଦାନ ହେଲା ୟୁରିଆ 4 କେଜି, ପାଣି 50 ଲିଟର, ଓ ନଡା 100 କେଜି |
- ➢ ପିଡିଆମିଶ୍ରିତ ନଡା ଉପଚାରକୁ ଗର୍ଭ ଗାଇ ଓ ବାଛରୀଙ୍କୁ ଛାଡି ପଡିଆ ଗାଇ ଓ ଦୁଧିଆଳୀ ଗାଇଙ୍କୁ ଖାଇବାକୁ ଦିଅନ୍ତୁ |
- ➢ ଗୃହପାଳିତ ପ୍ରାଣୀ ମାନଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତିଷେଧକ ଟୀକା ଦିଅନ୍ତୁ |
- ➢ ଗାଇ ବା ଛଡା ଗରମ ଆସିବାର 12 ଘଣ୍ଟାରୁ 15 ଘଣ୍ଟା ମଧରେ କୃତ୍ରିମ ପ୍ରଜନନ କରାନ୍ତୁ |

**ଗୋଖାଦ୍ୟ ଘାସ ମକା**

❖ ରବି ଋତୁରେ ଗୋଖାଦ୍ୟ ମକା ପାଇଁ ଜଳସେଚିତ ଡିପ ଜମି ଓ ମଧମ କିସମ ଜମିକୁ ପ୍ରସ୍ତୁତ କରି ଆଫ୍ରିକାନ୍ ଟଲ୍ କିମ୍ବା ଜେ-100କିସମକୁ ଲଗାନ୍ତୁ ।କିସମ ଅନୁଯାୟୀ ଏକର ପ୍ରତି ଗ୍ରା ବିହନ ବ୍ୟବହାର କରନ୍ତୁ.କି 10 ।ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଏକର ପ୍ରତି ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ ।

❖ ବିହନ ବୁଣିବାର ଦିନ ପୂର୍ବରୁ ବିହନକୁ ଭଲଭାବେ ଖରାରେ ସୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ 7 । 3 ଗ୍ରା ବିହନକୁ.କି 1 ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ବିହନ 1.5 ମ୍ ଥିରାମ୍ କିମ୍ବା.ଗ୍ରା ବିଶୋଧନ କରନ୍ତୁ । ସାତ ଦିନ ପରେ ପ୍ରତି କିମ୍ .ଗ୍ରା 20 ଗ୍ରା ଦିନକୁ. ହିସାବରେ ଆଜୋସ୍ପିରିଲମ୍ ବିହନରେ ଗୋଳାଇ ଏକ ଘଣ୍ଟା ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ । ବିହନକୁ ଧାଡିରେ ବୁଣନ୍ତୁ ଦିଅନ୍ତୁ ।

## ମତ୍ସ୍ୟ ସମ୍ପଦ

- ➢ ଏକ ଏକର ଆୟତନର ପୋଖରୀରେ ପ୍ରତି ମିଟର ଗଭୀର ପାଣିରେ ୫0 କିଗ୍ରା ଚୂନ ପ୍ରୟୋଗ କରନ୍ତୁ |

**ବିଶେଷ ଦ୍ରଷ୍ଟବ୍ୟ**

- ➢ କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ୍ କଲ୍ କେନ୍ଦ୍ରର 1551 ନମ୍ବରକୁ ଫୋନ୍ କରନ୍ତୁ |
- ➢ ଫସଲ ଉତ୍ପାଦନ ତଥା ରୋଜଗାର ବୃଦ୍ଧି ପାଇଁ ମହୁ ଚାଷ କରନ୍ତୁ |
- ➢ **ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ |**

**ଅନୁପମା ବଳିୟାରସିଂହ**
**ନୋଡାଲ୍ ଅଫିସର,**
**ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି**

**ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**